# ଏକୋନାଂସା ଚାରୁବଦନା ସୁଭଦ୍ରା

ଡକ୍ଟର ତୁଳସୀ ଓଝା

ସ୍କନ୍ଦପୁରାଣର ବର୍ଣ୍ଣନା ଅନୁସାରେ ପଞ୍ଚଦଶ ଦିବସ ଅତିକ୍ରାନ୍ତ ହୁଅନ୍ତେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଦାରୁବିଗ୍ରହ ଗଢ଼ଣ ଗୃହର କପାଟ ଉନ୍ମୋଚନ କଲେ ସେ ଯେଉଁ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ କଲେ ସେଥିରେ ତିନି ପୁରୁଷ ମୂର୍ତ୍ତି ମଧ୍ୟରେ ଏକ ଚାରୁବଦନା ଲକ୍ଷ୍ମୀ ମୂର୍ତ୍ତି ବିରାଜିତ ହୋଇଥିଲେ । ସେ ହେଲେ ଅନନ୍ୟା ଦେବୀ ସୁଭଦ୍ରା । ଏଥିପାଇଁ ସେ ଅନନ୍ୟା । କାରଣ ପ୍ରତ୍ୟେକ ଦେବଦେବୀଙ୍କର ଯେଉଁ ମୂର୍ତ୍ତି ଗର୍ଭଗୃହମାନଙ୍କରେ ଶୋଭିତ ହୋଇଥାଏ ସେଥିରେ ଜଣେ ପୁରୁଷ ଏବଂ ସେହି ପୁରୁଷର ଶକ୍ତି ରୂପରେ ଜଣେ ନାରୀ ବିରାଜମାନ ହୋଇଥାନ୍ତି, ଯଥା– ଲକ୍ଷ୍ମୀ ନାରାୟଣ, ହରପାର୍ବତୀ, ଦୁର୍ଗାମାଧବ ଇତ୍ୟାଦି । କିନ୍ତୁ ଏଠାରେ ତିନି ପୁରୁଷଙ୍କ ମଧ୍ୟରେ ଜଣେ ନାରୀ, ଶଙ୍ଖଶୁଭ୍ର, ନୀଳଜୀମୂତ ତଥା ରକ୍ତବର୍ଣ୍ଣର ବିଗ୍ରହ ମଧ୍ୟରେ କୁଙ୍କୁମବର୍ଣ୍ଣା ଦେବୀ ସୁଭଦ୍ରା ଏକହସ୍ତରେ ବରପଦ୍ମ, ଅନ୍ୟ ହସ୍ତରେ ଅଭୟ ଧାରଣ କରି ଅଛନ୍ତି । ସେ ହିଁ ଚୈତନ୍ୟରୂପିଣୀ ଲକ୍ଷ୍ମୀ ମୂର୍ତ୍ତି ରୂପରେ ଆବିର୍ଭୂତା । ବର୍ଣ୍ଣନା ଅନୁସାରେ ଯେ ନୀଳାବତାରୀ ବିଷ୍ଣୁଙ୍କୁ କ୍ଷଣଙ୍କ ପାଇଁ ସୁଦ୍ଧା ପରିତ୍ୟାଗ କରନ୍ତି ନାହିଁ । ''ପୁଂ ରୂପେଣ, ସ୍ତ୍ରୀ ରୂପେଣ ଲକ୍ଷ୍ମୀ ସର୍ବତ୍ର ତିଷ୍ଠତି'' । ପୁରୁଷ ନାମରେ ସେ ଭଗବାନ ବିଷ୍ଣୁ, ସ୍ତ୍ରୀ ରୂପରେ ସେ କମଳାଳୟା ଲକ୍ଷ୍ମୀ । ପୁଣ୍ଡରୀକାକ୍ଷଙ୍କ ବ୍ୟତୀତ କୌଣସି ବ୍ୟକ୍ତି ଚତୁର୍ଦ୍ଦଶ ଭୁବନକୁ ଏକ ଫଣାରେ ଧରିବାକୁ ସମର୍ଥ ନୁହଁନ୍ତି । ସେ ତେଣୁ ଅନନ୍ତ ବଳରାମ ରୂପରେ ଅଭିହିତ । ସେହିପରି ସୁଭଦ୍ରା ଭଗିନୀ ତାଙ୍କର ଶକ୍ତି ସ୍ୱରୂପିଣୀ –



ସେ ଶ୍ରୀପ୍ରଦାୟିନୀ ''ତସ୍ୟଶକ୍ତି ସ୍ୱରୂପେୟଂ ଭଗିନୀ ଶ୍ରୀପବର୍ତ୍ତକା ।'' ପୁଣି ଯାହାଙ୍କୁ ପୁରୁଷ ଭାବରେ ମଧ୍ୟ ପରିକଳ୍ପନା କରାଯାଇଛି ।

''ରାମକୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା
ଶ୍ରୀପୁରୁଷୋତ୍ତମେ ବିଜେ ହଳୀହରି ବ୍ରହ୍ମା ।''

ନାରୀ ରୂପେର ସେ ଏକାଧାରାରେ ଏକୋନାଂସା, କାମ୍ପିଲ୍ୟବାସିନୀ ଯୋଗମାୟା, ମହାମାୟା, ଭଦ୍ରକାଳୀ, ଲୋକାମାତା, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ତଥା ସୁଭଦ୍ରା ନାମରେ ନାମିତା । ସୁଭଦ୍ରା– ''ସୃଷ୍ଟି ଭଦ୍ରଂ ଯସ୍ୟାଃ ପ୍ରକାଶାତ୍ ସା ସୁଭଦ୍ରା ।'' ଅର୍ଥାତ୍ ସୃଷ୍ଟିର ସମସ୍ତ ଶୁଭ ଭାବ ଯାହାଙ୍କଠାରେ ପ୍ରକାଶିତ । ମହାଭାରତର ବର୍ଣ୍ଣନା ଅନୁଯାୟୀ– ଯେତେବେଳେ ଭୌମାସୁରକୁ ବଧକରି ଶ୍ରୀକୃଷ୍ଣ ମାତା ଅଦିତିଙ୍କୁ ତାଙ୍କ କୁଣ୍ଡଳ ଫେରାଇ ଦେଲେ ସମସ୍ତ ଦେବତା ନିଷ୍କଣ୍ଟକ ହୋଇ ସ୍ୱର୍ଗ ପ୍ରତ୍ୟାବର୍ତ୍ତନ କଲେ । ଏଥିରେ ଯାଦବମାନେ ଆନନ୍ଦିତ ହୋଇ ଦ୍ୱାରକାର ସଭାଗୃହରେ ମିଳିତ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କର ଆଦର ସତ୍କାର କଲେ । ଏହି ସମୟରେ ସିଂହାସନରେ ଆରୂଢ଼ ଦୁଇଭାଇଙ୍କ ମଝିରେ ଯଶୋଦାଙ୍କ ଦିବ୍ୟାଙ୍ଗୀ ପୁତ୍ରୀ ସେଠାରେ ପ୍ରବେଶ କଲେ ।

''ଏକାନଙ୍ଗେତି ଯମାହୁଃ କନ୍ୟା ତାଂ କାମରୂପିଣୀ
ଯତ୍ କୃତେ ସଗଣଂ କଂସଂ ଜଘାନ ପୁରୁଷୋତ୍ତମଃ ।

(ସଭାପର୍ବ– ପୃ. ୮୨୦)

ସେହି କାମରୂପିଣୀ କନ୍ୟାର ନାମ ଥିଲା ଏକନଙ୍ଗା, ଯାହା ପାଇଁ ପୁରୁଷୋତ୍ତମ ଶ୍ରୀକୃଷ୍ଣ ସେବକ ସହିତ କଂସର ବଧ କରିଥିଲେ । ଭଗବାନ ବଳରାମ ଆଗକୁ ଆସି ସେହି ମାନିନୀ ଭଉଣୀଙ୍କୁ ବାମ ହାତରେ ଧରି ବାତ୍ସଲ୍ୟ ସ୍ନେହରେ ତାଙ୍କର ମସ୍ତକ ଚୁମ୍ବନ କଲେ ଏବଂ ଏହା ପରେ ଶ୍ରୀକୃଷ୍ଣ ସେହି କନ୍ୟାକୁ ଦକ୍ଷିଣ ହସ୍ତରେ ଧରିଲେ । ସେହି ସଭାରେ ଯେଉଁମାନେ ଥିଲେ ସେମାନେ କୃଷ୍ଣଙ୍କର ଏହି ଭଉଣୀକୁ ଦେଖି ଚମତ୍କୃତ ହେଲେ । ସେ ଦୃଶ୍ୟ ଏପରି ଥିଲା, ମନେ ହେଉଥିଲା ସତେଯେପରି ଶ୍ରେଷ୍ଠ ଗଜରାଜ ମଧ୍ୟରେ ସୁବର୍ଣ୍ଣମୟ କମଳ ଆସନ ଉପରେ ବିରାଜମାନ ଭଗବତୀ ଲକ୍ଷ୍ମୀ ଅଟନ୍ତି ।

''ଦୃଶ୍ୟଶୁଣ୍ଡା ସମାମଧ୍ୟେ ଭଗିନୀ ରାମକୃଷ୍ଣୟୋଃ
ରୁକ୍ମ ପଦ୍ମଶୟାଂ ପଦ୍ମାଂ ଶ୍ରାମିବୋତ୍ତମ ନାଗୟୋଃ ।''

ଏହା ସୁଭଦ୍ରାଙ୍କ ଅସ୍ତିତ୍ୱର ଆଦିତତ୍ତ୍ୱ । ଏହା ବ୍ୟତୀତ ହରିବଂଶର ବର୍ଣ୍ଣନା ଅନୁଯାୟୀ ଯେତେବେଳେ କଂସଠାରୁ କୃଷ୍ଣଙ୍କୁ ରକ୍ଷା କରିବା ପାଇଁ ବସୁଦେବ ଗୋପପୁର ଯାଇ ଯଶୋଦାଙ୍କର ଯେଉଁ କନ୍ୟାକୁ ଆଣିଥିଲେ ସେହି କନ୍ୟାକୁ କଂସ ବଧ କରିବା ନିମିତ୍ତ ଉଦ୍ୟତ ହେଲାବେଳକୁ ସେହି କନ୍ୟା କଂସ ହାତରୁ ଖସିଯାଇ କଂସକୁ ଚେତାବନୀ ଦେଇ କହିଥିଲେ, ''ତୁ ଯେପରି ମତେ ମାରିବାର ପ୍ରୟାସ କଲୁ ମୁଁ ଠିକ୍ ସେହିପରି ତୋର ଅନ୍ତ କାଳରେ ତୋର ଛାତିଚିରି ତୋ ରକ୍ତପାନ କରିବି ।'' ଏହା କହି ସେ ଆକାଶ ମାର୍ଗରେ ଅନ୍ତର୍ହିତ ହୋଇଗଲେ । ପୁନଶ୍ଚ ସେହି ଦେବୀ ବାସୁଦେବଙ୍କ ଆଜ୍ଞାରେ ବୃଷ୍ଣି ବଂଶରେ ରୋହିଣୀଙ୍କ ଗର୍ଭରୁ ଜନ୍ମ ଗ୍ରହଣ କଲେ । ବିଷ୍ଣୁ ଅଂଶରୁ ଜନ୍ମିତ । ଯେ ଏକ ହେଲେ ମଧ୍ୟ ଅନଂଶା ବା ଅଂଶ ରହିତା । ଅର୍ଥାତ୍ ବିଷ୍ଣୁଙ୍କର ଅବିଭକ୍ତ ଅଂଶ ହୋଇଥିବାରୁ ତାଙ୍କର ନାମ ଏକୋନାଂସା । ପୁନଶ୍ଚ ହରିବଂଶରେ ଉଲ୍ଲେଖ ରହିଛି, ଯୋଗବଳରେ ଶ୍ରୀକୃଷ୍ଣଙ୍କୁ ରକ୍ଷା କରିବା ନିମିତ୍ତ ସେ ସର୍ବଦା ତତ୍ପର ହୋଇ ଆବିର୍ଭୂତା ହୋଇଥିଲେ ।

''ବିଦ୍ଧିଚୈନାମଥୋତ୍ ପନ୍ନାମଂଶାଦ୍ ଦେବୀ ପ୍ରଜାପତେ
ଏକନଂଶାଂ ଯୋଗକନ୍ୟାଂ ରକ୍ଷାର୍ଥେ କେଶବସ୍ୟତୁ ।''

(ହରିବଂଶ/ ବିଷ୍ଣୁପର୍ବ – ୪/୪୭)

ଏହାବ୍ୟତୀତ ଏକୋନାଂସାଙ୍କୁ ସମ୍ବରାସୁରଙ୍କୁ ପରାଜିତ କରିବା ପାଇଁ ପ୍ରଦ୍ୟୁମ୍ନ ଓ ବାଣାସୁରକୁ ପରାଜିତ କରିବା ପାଇଁ ଅନିରୁଦ୍ଧ ମଧ୍ୟ ପ୍ରାର୍ଥନା କରିଥିଲେ । ଅତଏବ ସେହିଁ ଯୋଗମାୟା ଦେବୀଦୁର୍ଗା । ଶିବଦୁର୍ଗା ଭାବରେ ସେ ବଳରାମଙ୍କ ବାମ ଭାଗରେ ତଥା ବିଷ୍ଣୁ ଦୁର୍ଗା ଭାବରେ ସେ ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ପାର୍ଶ୍ୱରେ ବିରାଜିତା । ପୁନଶ୍ଚ ଚତୁର୍ବ୍ୟୂହ ଉପାସନାରେ ସେ ପ୍ରଦ୍ୟୁମ୍ନ ଭାବରେ ବିରାଜିତା । ମହାବଳୀ ବାସୁଦେବ ସଂପୂର୍ଣ୍ଣ ଭୂତଙ୍କର ଆତ୍ମା । ପୃଥ୍ୱୀ, ତେଜ, ବାୟୁ ଓ ଆକାଶ ଏମାନେ ପଂଚଭୂତ ଅଟନ୍ତି । ଏମାନେ ଏକତ୍ର ହୋଇ ଶରୀର ନାମ ଧାରଣ କରନ୍ତି ଏବଂ ଏ ମଧ୍ୟରେ ଯେଉଁ ଅଦୃଶ୍ୟ ଚେତନା ପ୍ରବେଶ କରେ ସେ ଜୀବାତ୍ମା । ପଂଚଭୂତ ବିନା ଶରୀର ହୁଏ ନାହିଁ । ଜୀବ

ବିନା ପ୍ରାଣବାୟୁ ଚେଷ୍ଟା କରେ ନାହିଁ । ଏହି ଜୀବ ହିଁ ଶେଷ ଭଗବାନ ସଂକର୍ଷଣ । ଯିଏ ଏହି ସଂକର୍ଷଣଙ୍କଠାରୁ ଉତ୍ପନ୍ନ ହୋଇ ନିଜ କର୍ମ (ଧ୍ୟାନ, ପୂଜନ) ଦ୍ୱାରା ଜୀବନ ମୁକ୍ତି ପ୍ରାପ୍ତ କରେ ଏବଂ ଯାହା ମଧ୍ୟରେ ସମସ୍ତ ପ୍ରାଣୀ ଲୟ ଏବଂ କ୍ଷୟ ପ୍ରାପ୍ତ ହୁଏ ଏହି ସଂପୂର୍ଣ୍ଣ ଭୂତର ମନକୁ ପ୍ରଦ୍ୟୁମ୍ନ କହନ୍ତି । ଏହି ପ୍ରଦ୍ୟୁମ୍ନର ଯେଉଁ ଅହଂକାର (ତନ୍ମାତ୍ରା ଆଦିର କର୍ତ୍ତା) ଉତ୍ପନ୍ନ ସେ ଅନିରୁଦ୍ଧ ଅଟନ୍ତି । ଅର୍ଥାତ୍ ଏହି ଚତୁର୍ବ୍ୟୂହ ହେଲେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ । ସ୍ୱୟଂ ସୁଭଦ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଇଚ୍ଛାଶକ୍ତି । ଯାହାଙ୍କର ସହାୟତା ବିନା ପରମାତ୍ମା କୌଣସି କର୍ମ କରିବାକୁ ସମର୍ଥ ନୁହଁନ୍ତି । ତେଣୁ ତାଙ୍କୁ ପରମାତ୍ମାଙ୍କର ଅପରାଶକ୍ତି କୁହାଯାଏ ।

''ଭୂମି, ସଲିଳ, ପବନ, ଅନଳ, ଗଗନ
ବୁଦ୍ଧି ଅହଂକାର ଆଦି ସହିତରେ ମନ
ଏ ଆଠଟି ଅଟେ ମୋର ଅପରା ପ୍ରକୃତି
ଏହା ଭିନ୍ନ ଜୀବ ବୋଲାଏ ପରା ପ୍ରକୃତି ।''
(ସାରଳା ମହାଭାରତ)

ଅପରାଶକ୍ତି ହିଁ ଉତ୍ପାଦିକା ଶକ୍ତି ବିଶିଷ୍ଟ । ପୁରୁଷ ପ୍ରକୃତିର ମିଳନରେ ସୃଷ୍ଟି ସଂଭବ । ପୁରୁଷ ସ୍ୱୟଂ କୌଣସି କାର୍ଯ୍ୟ କରିପାରେ ନାହିଁ । ପ୍ରକୃତି ସର୍ବଦା ତ୍ରିଗୁଣାତ୍ମିକା । ଏହି ତିନି ଗୁଣ କାମନାବସ୍ଥାରେ ଥିଲେ ପ୍ରକୃତି ନିରୁପାଧିକ ରୂପେ ଅବସ୍ଥାନ କରୁଥାଏ । ଏହି ଗୁଣତ୍ରୟର ଅସାମ୍ୟାବସ୍ଥା ଘଟିଲେ ସୃଷ୍ଟିକାର୍ଯ୍ୟର ପ୍ରାରମ୍ଭ ହୁଏ । ଦୁଇଶକ୍ତିର ମିଳନରେ ସୃଷ୍ଟିରେ କଂପନ ସୃଷ୍ଟି ହୁଏ । ନିର୍ଗୁଣ ପରଂବ୍ରହ୍ମ ଓ ସଗୁଣ ଇଚ୍ଛାଶକ୍ତି । ଏହାର ପ୍ରତୀକ ସ୍ୱରୂପ ଦେବୀ ସୁଭଦ୍ରାଙ୍କର ଦାରୁବ୍ରହ୍ମ ଶରୀର । ଦୁଇ ଶୂନ୍ୟର ସଂଯୋଗରେ ଏକ ବିସର୍ଗ ମାତ୍ରା । ଏହି ଦୁଇ ବିନ୍ଦୁ ଆଦିଅନ୍ତ ନିର୍ଦ୍ଧାରଣ ରହସ୍ୟମୟ । ଏହା ଅନାଦି ଓ ଅନନ୍ତ ଶକ୍ତି, ବିସର୍ଗ ମାତ୍ରା ସଦୃଶ ହୋଇଥିବାରୁ ତାଙ୍କର କୌଣସି ବାହୁ ଦୃଷ୍ଟିଗୋଚର ହୋଇ ନଥାଏ । ଏହା ଦେବୀଙ୍କର ସହସ୍ର ଭୁଜର ପ୍ରମାଣ୍ୟ-

''ସହସ୍ରଶୀର୍ଷା ତ୍ରି ସହସ୍ର ନେତ୍ରାଂ
ସହସ୍ର ବାହ୍ୱୀ ଚ ସହସ୍ରପାଦାମ୍
ସହସ୍ର ଶକ୍ତ୍ୟା ପରିବେଷ୍ଟିତାଂ
ସହସ୍ର ଶସ୍ତ୍ରୈଃ ପରିପୂର୍ଣ୍ଣହସ୍ତାମ୍ ।''
(ସପ୍ତଶତୀ ଚଣ୍ଡୀ)

ସୃଷ୍ଟିର ଆଦ୍ୟରେ ସେ ଏହି କଂପନ ସୃଷ୍ଟି କରିବାରେ ସମର୍ଥ ହେତୁ ତାଙ୍କ ନାମ କାମ୍ପିଲ୍ୟବାସିନୀ, ସୁଭଦ୍ରିକା । ଦେବୀ ଦୁର୍ଗାଙ୍କର ସହସ୍ରନାମ ମଧ୍ୟରୁ ଏହା ଏକ ନାମ । ଶିବ ଓ ଶକ୍ତିଙ୍କର ମିଳନରେ ପରମାତ୍ମାଙ୍କର ମାୟାର ବିକାଶ ଘଟେ । ତେଣୁ ସେ ସଂଯୋଗକାରିଣୀ ଯୋଗମାୟା ପ୍ରତ୍ୟେକ କାର୍ଯ୍ୟରେ ପରମାତ୍ମା ଯାହାଙ୍କର ସହଯୋଗ କାମନା କରିଥାନ୍ତି । ଭାଗବତରେ ଯାହାର ସୂଚନା ମିଳେ ।

ଦୁର୍ଗାଙ୍କୁ ନିକଟେ ବସାଇ
ବୋଲନ୍ତି ପ୍ରଭୁ ଭାବଗ୍ରାହୀ ।
ଅମ୍ବିକା ଶୁଣମୋ ଉତ୍ତର
ବହନ ଯାଅ ମଂଚପୁର ।
ଦେବକୀ ଦେବୀ ନିଦ୍ରା କାଳେ
ଗର୍ଭ ହରିବୁ ଯୋଗବଳେ ।
ମିଳିବୁ ନନ୍ଦ ଘରେ ଯାଇ
ରୋହିଣୀ-ଗର୍ଭେ ତାହା ଥୋଇ ।
ଜନ୍ମିବୁ ଯଶୋଦା ଉଦରେ
ମୁଁ ପୁଣି ଯିବି ମଂଚପୁରେ ।
ଦେବକୀ ଗର୍ଭେ ହେବି ଜାତ
ମୋତେ ଘେନିଣ ଯିବେ ତାତ ।
ତୋତେ ଆଣିବେ ମୋତେ ଥୋଇ
ଏ କଥା ନ ଜାଣିବେ କେହି ।

(ଭାଗବତ- ୧୦/୨)

ସେହି ଦୁର୍ଗା ପୁନଶ୍ଚ ଏକୋନାଂସା ଭାବରେ ଶ୍ରୀକୃଷ୍ଣଙ୍କର ଭଗ୍ନୀ ରୂପରେ ଅବତୀର୍ଣ୍ଣା । ଏହିପରି ଭାବରେ ଦେବୀ ଭାବରେ ସୁଭଦ୍ରାଙ୍କର ଅନେକ ମନୀଷୀ ବିଭିନ୍ନ ଶାସ୍ତ୍ର ସଂରଚନା କରିଛନ୍ତି । ''ନୀଳତନ୍ତ୍ର'', ''ସ୍କନ୍ଦପୁରାଣ'', ''ଭବିଷ୍ୟ ପୁରାଣ'' ଆଦି ଗ୍ରନ୍ଥରେ ତାଙ୍କୁ ପରମେଶ୍ୱରୀ, ଭଦ୍ରକାଳୀ ଲୋକମାତା, କାତ୍ୟାୟନୀ ତଥା ମୂଳ ପ୍ରକୃତି ଭାବରେ ବର୍ଣ୍ଣନା କରିଛନ୍ତି ।

୧. ''ସୁଭଦ୍ରୋ ଭଦ୍ରଦାରବ୍ୟା ଭଦ୍ରକାଳେଶ୍ୱରେ ତଥା
ମହାଭଦ୍ରା ଭଦ୍ରକାଳୀ ହରତୀର୍ଥେ ଗଦୀଶ୍ୱରୀ ।''
୨. ''ସୁଭଦ୍ରା ଲୋକମାତା ଆତ୍ମଶକ୍ତି ବରପ୍ରଦା
ରାମକୃଷ୍ଣ ଦ୍ୱର୍ୟୋର୍ମଧ୍ୟେ ପରମା ପରମେଶ୍ୱରୀ ।''
୩.''କାର୍ଯ୍ୟାର୍ଥେ ସଗୁଣା ତ୍ୱଂ ଚ ବସ୍ତୁତୋନିର୍ଗୁଣାସ୍ୱୟମ୍
ପରଂବ୍ରହ୍ମ ସ୍ୱରୂପା ତ୍ୱଂ ସତ୍ୟାନିତ୍ୟା ସନାତନୀ ।''

ଏହିପରି ଭାବରେ ତାଙ୍କୁ ମାନ୍ୟତା ପ୍ରଦାନ କରାଯାଉଥିବାର ଦେଖାଗଲା ବେଳେ ଆଦି କବି ସାରଳା ଦାସଙ୍କଠାରୁ ଆରମ୍ଭ କରି ଦାର୍ଶନିକ ଅଚ୍ୟୁତାନନ୍ଦଙ୍କ ପର୍ଯ୍ୟନ୍ତ ତାଙ୍କୁ ଛଦ୍ମ ନାରୀ ବିଗ୍ରହ ଭାବରେ ବର୍ଣ୍ଣନା କରିଛନ୍ତି । ଯେପରି ଭାବରେ ସାରଳା ଦାସ ତାଙ୍କୁ ପ୍ରଜାପିତା ବ୍ରହ୍ମା ଭାବରେ ଚିତ୍ରିତ କରିଛନ୍ତି, ଠିକ୍ ସେହିପରି ମହାପୁରୁଷ ଅଚ୍ୟୁତାନନ୍ଦ ତାଙ୍କୁ ଜଗନ୍ନାଥଙ୍କର ଅଭିନ୍ନ ଅଂଗ ବୋଲି ବର୍ଣ୍ଣନା କରିଛନ୍ତି –

''ଭାଇ ବୋଲି କରି ଯାହାକୁ ବୋଲି ସେ
ସାକ୍ଷାତେ ତୋହର ପୁଅ
ଭଗ୍ନୀ ବୋଲି ଯାହା ସଂଗତେ ଘେନିଛୁ
ଚିହ୍ନିଲେ ତୋ ଅଂଗ ଦେହ
ତିନି ଜଣ ଏକା ସଳଖେ ବସିଲା
ପ୍ରାୟ ଦେଖୁଥାନ୍ତି ଜନ
ତିନି ଜଣରେ ଏକ ଶାଢ଼ି ପହୁଡ଼
ନାମ ତା'ର ସୁଦର୍ଶନ ।''

ସାରଳା ମହାଭାରତରେ ବର୍ଣ୍ଣନା ଅନୁଯାୟୀ ଆଦି ଦେବୀଙ୍କ ଅଭିଶାପରେ ବ୍ରହ୍ମସ୍ୱୟଂ ନାରୀ ରୂପ ହୋଇ ରତ୍ନସିଂହାସନରେ ସୁଭଦ୍ରା ଭାବରେ ବିରାଜିତ ।

''ମଧ୍ୟରେ ସୋହେଦ୍ରା ଯେ ଜଗତର ପିତା
ସଂସାର ଜାତ କରିବାକୁ ଅବନ୍ତି ମହାଜ୍ଞାତା
ଅନାଦି ମାତାଙ୍କର ଶାପ ଶୁଣ ଘେନି
ତେଣୁ ସେ ସ୍ତ୍ରୀ ଲିଙ୍ଗ ରୂପ ବହିଛନ୍ତି ପୁଣି ।''

ପୁନଶ୍ଚ ''ନୀଳ ସୁନ୍ଦର ଗୀତ''ରେ ବର୍ଣ୍ଣିତ ହୋଇଛି ଶାପ ମୋଚନ ନିମିତ୍ତ ଶ୍ରୀକୃଷ୍ଣଙ୍କୁ ପ୍ରଜାପିତା ବ୍ରହ୍ମା ସ୍ତୁତି କରିବାରୁ ଶ୍ରୀକୃଷ୍ଣ ପ୍ରସନ୍ନ ହୋଇ ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ –

''ବୋଇଲେ କଳିରେ ଦାରୁବ୍ରହ୍ମ ହେବି ମୁହିଁ
ଏ ମୋର ଶାପ୍ୟତ ମେଣ୍ଟି ଯିବ ନାହିଁ
ଗୁପତେ ପୂଜା ପାଇବୁ ଭାଇ ସଂଗତେ
ନ ଚିହ୍ନିବେ ବୋଲି ତୋତେ ବୋଲିବେ ସୁଭଦ୍ରେ ।
ଅଠାଇଶ ସସ୍ରକାଳେ ଗୋପ୍ୟ ହୋଇଥିବୁ
ମୋହର ଉଦିତ କାଳେ ଉଦିତ ହୋଇବୁ
ଶୁଣ ଫାଲଗୁନି ମୋର ଶାପ୍ୟର ମହିମା
ସୁଭଦ୍ରା ରୂପେ ପୂଜା ପାଇବେଟି ବ୍ରହ୍ମା ।''

ଏହାର ଗୁପ୍ତ ତତ୍ତ୍ୱ ଏହା ଯେ ବ୍ରହ୍ମା ବିଷ୍ଣୁ ମହେଶ୍ୱର ସୃଷ୍ଟି ରଚନାର ତିନି ଅଂଶ । ଏମାନେ ପରସ୍ପରଠାରୁ କେବେ ଅଲଗା ହୁଅନ୍ତି ନାହିଁ । ଏମାନେ ସୃଷ୍ଟି ସ୍ଥିତି ଓ ପ୍ରଳୟର କାରଣ । ଦେବୀ ସୁଭଦ୍ରା ସଂହାରକର୍ତ୍ତ୍ରୀ ଭାବରେ ଶିବ (ବଳଭଦ୍ର)ଙ୍କ ସହିତ ଜଡ଼ିତ, ପାଳନକର୍ତ୍ତ୍ରୀ ଭାବରେ ଜଗନ୍ନାଥଙ୍କ ସହିତ ଜଡ଼ିତ । ଜୀବ ପରମ ମଧ୍ୟରେ ସଂଯୋଗକାରିଣୀ ରେଖା । ଏକାଧାରରେ ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ । ତାଙ୍କର ହରିଦ୍ରା ବର୍ଣ୍ଣ ହିଁ ଏହାର ପ୍ରମାଣ । ଏହି ପରିପ୍ରେକ୍ଷୀରେ ଦେବୀ ସୁଭଦ୍ରାଙ୍କର ଦାରୁ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଥାଏ । ଏହି ଦାରୁର ବର୍ଣ୍ଣ ଆପାତତଃ କୁଙ୍କୁମବର୍ଣ୍ଣ ବା ଈଷତ୍ ହଳଦିଆ ହୋଇଥାଏ । ବୃକ୍ଷର ଦୀର୍ଘ ଗଣ୍ଡିର ଊର୍ଦ୍ଧ୍ୱରେ ପାଂଚଗୋଟି ଶାଖା ରହିଥାଏ । ବୃକ୍ଷର ଗଣ୍ଡିରେ ଏକ ପାଂଚ ପାଖୁଡ଼ାଯୁକ୍ତ ପଦ୍ମର ଚିହ୍ନ ବା ଯୋନିର ଚିହ୍ନ ରହିବା ବିଧେୟ । ଏହାର ପ୍ରତୀକାତ୍ମକ ଅର୍ଥ ଏହି ଯେ ବୃକ୍ଷର ପାଂଚଶାଖା ଆପାତତଃ ପଂଚଭୂତର ସୂଚନା ଦେଲାବେଳେ ପାଂଚ ପାଖୁଡ଼ା ଯୁକ୍ତ ପଦ୍ମ ପଂଚତନ୍ମାତ୍ରା ସହିତ ସୃଷ୍ଟି ପ୍ରକ୍ରିୟାର ସୂଚନା ଦେଇଥାଏ । ଜଗଜ୍ଜନନୀ ଭାବରେ ତାଙ୍କର ପରିଚୟ ଦାରୁ ଚୟନରୁ ହିଁ ହୋଇଥାଏ । ସେହିପରି ତାଙ୍କର ମୂର୍ତ୍ତି ନିର୍ମାଣ ପ୍ରକ୍ରିୟା ଯଦିଓ ଗୋପନୀୟ ତଥାପି ମାଦଳାପାଞ୍ଜିର ବର୍ଣ୍ଣନା ଅନୁଯାୟୀ ଜଗନ୍ନାଥଙ୍କ ବିଗ୍ରହ ଏକ ଚକ୍ରାକୃତି ଯନ୍ତ୍ର ଉପରେ, ବଳଭଦ୍ରଙ୍କ ବିଗ୍ରହ ଏକ ଶଙ୍ଖାକୃତି ଯନ୍ତ୍ର ଉପରେ ନିର୍ମିତ

ହେଲାବେଳେ ସୁଭଦ୍ରାଙ୍କ ବିଗ୍ରହ ଏକ ପଦ୍ମାକୃତି ଯନ୍ତ୍ର ଉପରେ ନିର୍ମିତ । ଦେବୀ ସୁଭଦ୍ରାଙ୍କ ବିଗ୍ରହ ପଦ୍ମାକାର । ଦେଖିଲେ ମନେହେବ ସତେଯେପରି ଏକ ପଦ୍ମ ନାଡ଼ ଉପରେ ପଦ୍ମପୁଷ୍ପଟିଏ ରହିଛି । ପଦ୍ମ ସର୍ବଦା ପ୍ରଜନନ ଓ ବିକାଶର ପ୍ରତୀକ । ସେହିପରି ପ୍ରଳୟର ପ୍ରତୀକ ମଧ୍ୟ । ସେଥିପାଇଁ ଜୀବ ଓ ପରମ ମଧ୍ୟରେ ସେ ସଂଯୋଗ ରେଖା । ଜୀବର ଜ୍ଞାନ ଉନ୍ମୋଚିତ ହେଲେ ହିଁ ସେ ପରମଙ୍କ ସହିତ ମିଳିତ ହୋଇଥାଏ । ଜ୍ଞାନ ଶକ୍ତି ଭାବରେ ଜୀବ ପରମ ମଧ୍ୟରେ ସୁଭଦ୍ରା ବିରାଜିତ ।

ଦେବୀ ସୁଭଦ୍ରା ଯେପରି ଅତ୍ୟନ୍ତ ରହସ୍ୟମୟ ଭାବରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ମଧ୍ୟରେ ଆସୀନ ଠିକ୍ ସେହିପରି ତାଙ୍କର ରଥ ଯାହାକୁ ଆରୋହଣ କରି ସେ ରତ୍ନବେଦୀରୁ ଜନ୍ମ ବେଦୀକୁ ଗମନ କରିଥାନ୍ତି, ତାହା ମଧ୍ୟ ସେହି ପରିତାତ୍ତ୍ୱିକ ଓ ପ୍ରତୀକାତ୍ମକ । ଘୋଷଯାତ୍ରା କାଳରେ ଏହି ଗୁଣମୟୀ ପ୍ରତିମା ଯେଉଁ ରଥରେ ବିରାଜମାନ କରନ୍ତି, ତା'ର ନାମ ଦେବଦଳନ, ଦର୍ପଦଳନ ବା ପଦ୍ମଧ୍ୱଜ । ଦେବୀଙ୍କର ଅନ୍ୟ ଏକ ନାମ କାମାକ୍ଷୀ ଅର୍ଥାତ୍ ସମସ୍ତ କାମନାକୁ ଦମନ କରିବା ନିମିତ୍ତ ସମର୍ଥା । ତେଣୁ ତାଙ୍କ ରଥର ନାମ ଦର୍ପଦଳନ । ପୂର୍ବରୁ ବର୍ଣ୍ଣିତ ସମସ୍ତ ଅସୁରଙ୍କର ଦର୍ପ ଦଳନ କରିବା ନିମିତ୍ତ କେବଳ ଦେବୀ ହିଁ ସମର୍ଥା ଥିଲେ– ହସ୍ତରେ ସେ ପଦ୍ମ କହ୍ଲାର ଧାରଣ କରନ୍ତି ଏବଂ ତାଙ୍କ ଧ୍ୱଜରେ ପଦ୍ମ ଅଙ୍କିତ ଥିବାରୁ ତାଙ୍କ ରଥକୁ ପଦ୍ମଧ୍ୱଜ କୁହାଯାଏ । ଏହା ସୃଷ୍ଟିର ସଂକେତ ଦିଏ । ଏହି ରଥରେ ପାର୍ଶ୍ୱଦେବୀ ଭାବରେ ବାରାହୀ, କାଳୀ, ମଂଗଳା, କାତ୍ୟାୟନୀ, ଚାମୁଣ୍ଡା, ଭଦ୍ରକାଳୀ, ବିମଳା, ହରଚଣ୍ଡୀ ଓ ଜୟଦୁର୍ଗା ଅବସ୍ଥାନ କରନ୍ତି । ସେହିପରି ଋଷିପଟାରେ ଭୃଗୁ, ବଜ୍ର, ଶୃଙ୍ଗ, ଧ୍ରୁବ, ସୁପ୍ରଭ ଓ ଉଲ୍ଲୁକ ଆଦି ଋଷିମାନେ ନିବାସ କରନ୍ତି । ଏହି ରଥର ଚକ ସଂଖ୍ୟା ଦ୍ୱାଦଶ । ଦେବୀଙ୍କ ସହିତ ଏହି ଦ୍ୱାଦଶ ଚକ ଯୁକ୍ତ ରଥ ସଂଯୁକ୍ତି ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସ୍ୱୟଂ ପ୍ରକୃତି ତିନିଭୁବନର ସ୍ୱାମିନୀ ଅଟନ୍ତି । ପ୍ରଳୟ କାଳରେ ସମସ୍ତ ସୃଷ୍ଟି ପ୍ରକୃତି ଗର୍ଭରେ ଲୀନ ହୁଏ ଏବଂ ପ୍ରକୃତିଠାରୁ ପୁନର୍ଜନ୍ମ ନିଏ । ଆଦିତ୍ୟ ଏହି ପ୍ରକୃତିର ଆଦି ଅଂଶ । କୃଷ୍ଣ (ଅନ୍ଧକାର – ପ୍ରଳୟ) ଲୋହିତ (ଉଦୟ ସୂର୍ଯ୍ୟର ରକ୍ତିମ ଆଭା) ଏହି ଉଭୟ ରଂଗରେ ଆଚ୍ଛାଦିତ ଦେବୀ ସୁଭଦ୍ରାଙ୍କ ରଥରେ ଏହି ପ୍ରବର୍ତ୍ତନର ପ୍ରତୀକ ଭାବରେ ଦ୍ୱାଦଶ ଚକ ସଂଯୁକ୍ତ ହୋଇଛି । ଏହା ଦ୍ୱାଦଶ ଆଦିତ୍ୟଙ୍କ ପ୍ରତୀକ । ଆଦିତ୍ୟ ମଧ୍ୟ ପ୍ରକୃତିଠାରୁ ସୃଷ୍ଟ ଏବଂ ସେହି ପ୍ରକୃତି ଭିତରେ ବିଲୀନ । ତେଣୁ ଦେବୀ ସୁଭଦ୍ରା ସ୍ୱୟଂ ପ୍ରକୃତି ସ୍ୱୟଂ ଦ୍ୱାଦଶ ଆଦିତ୍ୟଙ୍କର ମାତା ଅଦିତି । କୂର୍ମ ପୁରାଣର ବର୍ଣ୍ଣନା ଅନୁସାରେ ଧାତା, ଅର୍ଯ୍ୟମା, ମିତ୍ର, ବରୁଣ, ଇନ୍ଦ୍ର, ବବିସ୍ୱାନ, ପୁଷା, ପର୍ଯ୍ୟନ୍ୟ, ଅଂଶୁ, ଭଗ, ତ୍ୱଷ୍ଟା ଓ ବିଷ୍ଣୁ ଏମାନେ ଦ୍ୱାଦଶ ଆଦିତ୍ୟ ଅଟନ୍ତି । ଏମାନେ ଏକ ଏକ ମାସର ଅଧିପତି । ଏମାନଙ୍କର କଳାଦ୍ୱାରା ସୂର୍ଯ୍ୟ ନିଜ ରଶ୍ମୀ ସାହାଯ୍ୟରେ ବ୍ରହ୍ମାଣ୍ଡର ସମସ୍ତ ପ୍ରାଣୀ, ଦେବତା, ଅସୁର ମନୁଷ୍ୟ, ଇନ୍ଦ୍ର, ଚନ୍ଦ୍ର ଆଦିଙ୍କୁ ପୋଷଣ କରିଥାନ୍ତି । ଯାହା ଫଳରେ ପର୍ଯ୍ୟାୟକ୍ରମେ ସୃଷ୍ଟିକୁ ବର୍ଷା, ବସନ୍ତ ଆଦି ଋତୁମାନେ ଆପ୍ୟାୟିତ କରିଥାନ୍ତି । ମୂଳ ପ୍ରକୃତି ଏ ସମସ୍ତର ଅଧିଶ୍ୱରୀ ଅଟନ୍ତି ଏବଂ ସୃଷ୍ଟିର ସଂଭବକାରୀ ଶକ୍ତି ସୂର୍ଯ୍ୟ । ବ୍ରହ୍ମା ଏକା ସୃଷ୍ଟି କରିବାକୁ ସମର୍ଥ ନୁହଁନ୍ତି ଫଳରେ ସୃଷ୍ଟି ସଂଭବକାରିଣୀ ଶକ୍ତିଙ୍କର ସାହାଯ୍ୟ ଗ୍ରହଣ କରିଥାନ୍ତି । ଯେଉଁ ଶକ୍ତି ମହାମାୟା, ଆଦିତ୍ୟ ନାରାୟଣ, ବିରଂଚି ନାରାୟଣ ରୂପରେ ବିଦ୍ୟମାନ, ବ୍ରହ୍ମା ରୂପିଣୀ ପ୍ରକୃତି ସ୍ୱରୂପିଣୀ ସୁଭଦ୍ରାଙ୍କ ରଥରେ ବାର ଆଦିତ୍ୟଙ୍କର ବାର ଚକ ଭାବରେ ସଂଯୋଜନ । ସେହିପରି ଦ୍ୱାର ପାଳିକା ରୂପରେ ଗଂଗା ଯମୁନା ତାଙ୍କ ରଥରେ ବିଦ୍ୟମାନ । ମୋକ୍ଷ ଦାୟିନୀ ଗଂଗା ଓ ପୁଣ୍ୟଦାୟିନୀ ଯମୁନାଙ୍କ ଦ୍ୱାରବନ୍ଧରେ ଅବସ୍ଥାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଦେବୀଙ୍କ ରଥର ସାରଥୀ ଦିତିକୃଷ୍ଣ ଅର୍ଜୁନ । ସେହିପରି ମହାକାଳର ପ୍ରତୀକ ଭାବରେ ମହାନ୍ ଯଜ୍ଞ ଅଗ୍ନିରୁ ଜାତ ଦେବୀ ଅମ୍ବିକାଙ୍କର ପଦ୍ମଧ୍ୱଜ ରଥର ବାହିକା ହେଲେ ରୋଚିକା, ମୋଚିକା, ଜିତା, ଅପରାଜିତା ନାମ୍ନୀ ଚାରି ଅଶ୍ୱିନୀ । ଯେଉଁମାନଙ୍କର ଶରୀରର ବର୍ଣ୍ଣ ଲୋହିତ । ଉଦୟ ସୂର୍ଯ୍ୟର ବର୍ଣ୍ଣବିଭା ନେଇ ଏହି ଚାରି ଅଶ୍ୱିନୀ ବିଦ୍ୟମାନ । ଦେବୀ ସୁଭଦ୍ରା ସ୍ୱୟଂ ମାୟାଶକ୍ତି । ସେ ସ୍ୱୟଂ ଭୂଦେବୀ, ଶ୍ରୀଦେବୀ, ମହାକାଳୀ, ବ୍ରହ୍ମାଣୀ । ପରମ କଲ୍ୟାଣକାରିଣୀ କୈବଲ୍ୟ ଦାୟିନୀ

ଲୋହିତ ବର୍ଣ୍ଣର ଅଶ୍ୱ ହିଁ ଆଦି ସୃଷ୍ଟିଙ୍କର ପରମ ସଂକେତ । ଉଷା ଆଗମନ କାଳରେ ପ୍ରଥମ ରଶ୍ମୀ ଲୋହିତ ବର୍ଣ୍ଣ । କୃଷ୍ଣବର୍ଣ୍ଣ ବଳଭଦ୍ରଙ୍କ ଅଶ୍ୱଯାତ୍ରା ପରେ ସମସ୍ତ ଅନ୍ଧକାରକୁ ବିନାଶ କରି ରୋଚିକା, ମୋଚିକା, ଜିତା, ଅପରାଜିତାଙ୍କର ଆଗମନ ହୁଏ ଓ ତତ୍‌ପରେ ସଂପୂର୍ଣ୍ଣ ଆଲୋକର ଜ୍ଞାତା ବେଦବିଦ୍ ଶ୍ରୀଜଗନ୍ନାଥଙ୍କର ଶ୍ୱେତ ଅଶ୍ୱର ଆଗମନ ହୋଇଥାଏ । ସଂପୂର୍ଣ୍ଣ ଭୂଲୋକରେ ବେଦବାଣୀ ରୂପକ ଜ୍ଞାନର ବିଚ୍ଛୁରଣ ହୁଏ । ଦେବୀ ସୁଭଦ୍ରା ସ୍ୱୟଂ ଯୋଗନିଦ୍ରା । ସର୍ବଦା ସେ ନାରାୟଣଙ୍କ ସହିତ ଥା'ନ୍ତି । ଯେତେବେଳେ ପ୍ରଭୁଙ୍କର ନିଦ୍ରା ଶେଷ ହୁଏ ସେ ଜାଗ୍ରତ ହୁଅନ୍ତି ସେତେବେଳେ ହିଁ ତାଙ୍କ ନାଭି ପଦ୍ମରୁ ରକ୍ତ କମଳ ବିକଶିତ ହୁଏ । ବ୍ରହ୍ମାଙ୍କର ସୃଷ୍ଟି ଉନ୍ମୋଚିତ ହୁଏ । ବ୍ରହ୍ମ ସ୍ୱରୂପିଣୀ ବ୍ରହ୍ମା ପଦ୍ମଧ୍ୱଜରେ ବିଜେ କରି ଅରୁଣବର୍ଣ୍ଣ ଅଶ୍ୱଦ୍ୱାରା ବାହିତ ରଥରେ ବିଜେ କରି ସୃଷ୍ଟି ପ୍ରକାଶର ସୂଚନା ପ୍ରଦାନ କରନ୍ତି ।

ଦେବୀ ସୁଭଦ୍ରାଙ୍କ ଅବସ୍ଥିତି ଯେତିକି ରହସ୍ୟମୟ ତାଙ୍କର ତତ୍ତ୍ୱର ବ୍ୟାଖ୍ୟା ମଧ୍ୟ ସେହିପରି ଅନନ୍ତ ରହସ୍ୟରେ ପରିପୂର୍ଣ୍ଣ । ଯାହାର ବ୍ୟାଖ୍ୟା କ୍ଷୁଦ୍ର ଲେଖନୀ ମୁନରେ ସଂଭବ ନୁହଁ । କିନ୍ତୁ ଯେତେବେଳେ ତାଙ୍କୁ ଶ୍ରୀକୃଷ୍ଣ ଭଗିନୀ ସୁଭଦ୍ରା ଭାବରେ କେବଳ ବର୍ଣ୍ଣନା କରାଯାଏ, ଓଡ଼ିଆ କବିମାନଙ୍କ ଲେଖନୀରେ ସେ କେବଳ ଏକ ଗୃହ ପ୍ରାଙ୍ଗଣ ସଂଚାରିଣୀ ଲୀଳାମୟୀ ପ୍ରତିମା ପାଲଟି ଯାଇଛନ୍ତି । ଯାହାଙ୍କୁ ଲକ୍ଷ୍ମୀ ମଧ୍ୟ କଟାକ୍ଷ କରି କହିପାରନ୍ତି –

''ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ
ଭଉଣୀଙ୍କୁ ସଂଗେ ନିଅ
ଛାଡ଼ିକରି ଗଲେ ଦୁଃଖ କରିବେଟି
ନନ୍ଦରାଜାଙ୍କର ଝିଅ ।
ସ୍ତିରୀ ଜନ୍ମ ହୋଇ ଟିକିଏ ତାହାର
ମୁଖରେ ନଥାଇ ଲାଜ
ତୁମ୍ଭେ ନ ଯାଉ ସେ ରଥରେ ଚଢ଼ିଣ
ଆଗ ହୋଇଥାଏ ସଜ ।''

ନରେନ୍ଦ୍ରକୋଣ, ପୁରୀ

# ଆରାଧନା



ନୃସିଂହ ତରାଇ

ଧୀର ପଦ ପାତେ
ଆଶ୍ୱିନ ଆସନ୍ତେ
ହସଇ ଶ୍ୟାମଳ ଧରା
କାଶତଣ୍ଡି ଫୁଲ
ଡେଣା ଝାଡିଝାଡି
ମେଲାଏ ଶୋଭା ପସରା ।
ପୃଥିବୀ ପୃଷ୍ଠରେ
ଶରତ ସକାଳ
ଅପୂରୁବ ତା'ର ମୋହ
ଆକାଶ ଦିଶଇ
ଶୋଭାମୟ ଯେହ୍ନେ
ନିର୍ମଳ ତା ସାରା ଦେହ ।
ମାଆ ଆସୁଛନ୍ତି
ପ୍ରକୃତି ସଜେଇ
ଚଉଦିଗ ଉଲ୍ଲସିତ
ନଈ ନାଳ ବିଲ
ପାହାଡ ଶିଖର
ସତେ ଅବା ଉଦ୍‌ଭାସିତ ।
ସୁଖ ଶାନ୍ତି ପ୍ରେମ
ଆନନ୍ଦ ପୁଲକ
ଛୁଇଁବ ସକଳ ପ୍ରାଣ
ମାଆ ଦେଇଯିବେ
ଆଶିଷ ତାଙ୍କର
ଅପେକ୍ଷାରେ ଜନଗଣ ।
ଧରା ସଜାଇବେ
ସୁଖ ସୌନ୍ଦର୍ଯ୍ୟରେ
ଅଜ୍ଞାନ ଅନ୍ଧାର ନାଶୀ
କୋଟି ପ୍ରଣିପାତ
ପାଦରେ ତାଙ୍କର
କରୁଛୁ ଉତ୍କଳ ବାସୀ ।

ପୂର୍ବତଟ ରେଳପଥ
ଭୁବନେଶ୍ୱର